Candidate must not write on this margin.

# CSM—40/24

## PART—II/PAPER—VI

## HOME SCIENCE

## ଗୃହ ବିଜ୍ଞାନ

## PAPER—I

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

### GROUP—A

### ଗ୍ରୁପ୍—A

*Candidates to attempt* **10** ***(ten)*** *questions within word limit of* **250**.

*Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

**1.** Describe the composition and functions of dietary proteins in human body. Explain the importance of essential amino acids and the health consequences associated with inadequate protein intake.

ମଣିଷ ଶରୀରରେ ଖାଦ୍ୟ ପ୍ରୋଟିନ୍‌ର ସମାହାର ଏବଂ ପ୍ରକାର୍ଯ୍ୟ ବର୍ଣ୍ଣନା କର । ଅତ୍ୟାବଶ୍ୟକ ଆମିନୋ ଏସିଡ୍‌ର ଗୁରୁତ୍ୱ ଏବଂ ପର୍ଯ୍ୟାପ୍ତରୁ କମ୍ ପ୍ରୋଟିନ୍ ଗ୍ରହଣର ସ୍ୱାସ୍ଥ୍ୟ ପରିଣାମ ବ୍ୟାଖ୍ୟା କର ।

**2.** Describe the role of iron in oxygen transport and enzyme function. Discuss how bioavailability, dietary inhibitors and chronic diseases influence iron status in different populations.

ଅମ୍ଳଜାନ ପରିବହନ ଏବଂ ଏନ୍‌ଜାଇମ୍ କାର୍ଯ୍ୟରେ ଲୌହର ଭୂମିକା ବର୍ଣ୍ଣନା କର । ଭିନ୍ନ ଭିନ୍ନ ଲୋକଙ୍କର ଲୌହସ୍ଥିତିକୁ ଜୈବ ଉପଲବ୍ଧତା, ଖାଦ୍ୟ ନିରୋଧକ ଏବଂ ଦୀର୍ଘସ୍ଥାୟୀ ରୋଗଗୁଡ଼ିକ କିପରି ପ୍ରଭାବିତ କରେ ତାହା ଆଲୋଚନା କର ।

**3.** Explain the composition and nutritional importance of milk and milk products and their role in maintaining healthy body.

ଦୁଗ୍ଧ ଏବଂ ଦୁଗ୍ଧ ଉତ୍ପାଦନର ସମାହାର ତଥା ପୁଷ୍ଟିକର ଗୁରୁତ୍ୱ ଏବଂ ସୁସ୍ଥ ଶରୀର ପାଳନ କରିବାରେ ସେ ସବୁର ଭୂମିକା ବ୍ୟାଖ୍ୟା କର ।

**4.** Describe national and international food safety regulations, explaining their scope, implementation and impact on consumer protection. Discuss about FPO and ISI in controlling food quality.

ଜାତୀୟ ଏବଂ ଆନ୍ତର୍ଜାତୀୟ ଖାଦ୍ୟ ସୁରକ୍ଷା ନିୟମାବଳୀ ବର୍ଣ୍ଣନା କର । ସେ ସବୁର ପରିସର, କାର୍ଯ୍ୟାନ୍ୱୟନ ଏବଂ ଗ୍ରାହକ ସୁରକ୍ଷା ଉପରେ ପ୍ରଭାବ ସଂପର୍କରେ ବ୍ୟାଖ୍ୟା କର । ଖାଦ୍ୟ ଗୁଣବତ୍ତା ନିୟନ୍ତ୍ରଣରେ FPO ଏବଂ ISI ବିଷୟରେ ଆଲୋଚନା କର ।

**5.** Explain protein metabolism in the human body and discuss its physiological significance during starvation.

ମଣିଷ ଶରୀରରେ ପ୍ରୋଟିନ୍ ମେଟାବୋଲିଜିମ୍ ବ୍ୟାଖ୍ୟା କର ଏବଂ ଅନାହାର ସମୟରେ ଏହାର ଶାରୀରିକ ଗୁରୁତ୍ୱ ବିଷୟରେ ଆଲୋଚନା କର ।

**6.** Discuss the strategies adopted by WHO and UNICEF to combat malnutrition with examples of successful programs and their impact on the society.

ସଫଳ କାର୍ଯ୍ୟକ୍ରମର ଉଦାହରଣ ସହିତ କୁପୋଷଣର ସମ୍ମୁଖୀନ ହେବାପାଇଁ WHO ଏବଂ UNICEF ମାଧ୍ୟମରେ ଗ୍ରହଣ କରାଯାଇଥିବା ରଣନୀତିଗୁଡ଼ିକ (strategies) ବିଷୟରେ ଆଲୋଚନା କର ଏବଂ ସମାଜ ଉପରେ ଏହାର ପ୍ରଭାବ ଦର୍ଶାଅ ।

**7.** Explain the importance of vitamin B complex in energy metabolism and Red Blood Cell formation. Discuss the factors affecting the absorption of vitamin B complex.

ଶକ୍ତି ବିପାକ (energy metabolism) ଏବଂ ଲୋହିତ ରକ୍ତ କଣିକା ଗଠନରେ ଭିଟାମିନ୍ B complex ର ଗୁରୁତ୍ୱ ବ୍ୟାଖ୍ୟା କର । ଭିଟାମିନ୍ B complex ର ଅବଶୋଷଣକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକୁ ଆଲୋଚନା କର ।

**Candidate must not write on this margin.**

**8.** "Development of cardiovascular diseases is not a one day process." Justify the statement. Also discuss the detailed dietary management of hypertension.

"ହୃଦରୋଗର ବିକାଶ ଗୋଟିଏ ଦିନର ପ୍ରକ୍ରିୟା ନୁହେଁ ।" ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର । ଏଥି ସହିତ ଉଚ୍ଚ ରକ୍ତଚାପର ଖାଦ୍ୟ ପରିଚାଳନା ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କର ।

**9.** What is dietary fibre? Which food group(s) contributes maximally to dietary fibre? Also, explain the role of dietary fibres in occurrence and management of gastrointestinal diseases.

ଡାଏଟାରୀ ଫାଇବର୍ (dietary fibre) କ'ଣ? କେଉଁ ଖାଦ୍ୟ ସମୂହରେ ଡାଏଟାରୀ ଫାଇବର୍ ସର୍ବାଧିକ ହୋଇଥାଏ ବର୍ଣ୍ଣନା କର ଏବଂ ପାକସ୍ଥଳୀ ରୋଗର ଉତ୍ପତ୍ତି ଏବଂ ପରିଚାଳନାରେ ଡାଏଟାରୀ ଫାଇବର୍‌ର ଭୂମିକା ଉଲ୍ଲେଖ କର ।

**10.** Describe food adulteration and differentiate between the food adulterants and food additives. Explain the methods to detect food adulteration in milk, vegetable oil and turmeric.

ଖାଦ୍ୟ ଅପମିଶ୍ରଣ (adulteration) ବ୍ୟାଖ୍ୟା କର । ଖାଦ୍ୟ ଅପମିଶ୍ରଣ (adulteration) ଏବଂ ଖାଦ୍ୟ ମିଶ୍ରିତ (additives) ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ । ଦୁଗ୍ଧ, ପନିପରିବା, ତେଲ ଏବଂ ହଳଦୀ ଭଳି ଖାଦ୍ୟରେ ଅପମିଶ୍ରଣ ଚିହ୍ନଟ କରିବାର ପଦ୍ଧତିଗୁଡ଼ିକ ବ୍ୟାଖ୍ୟା କର ।

**11.** Describe the etiology, pathophysiology and management of gastritis and peptic ulcers.

ଗ୍ୟାଷ୍ଟ୍ରାଇଟସ୍ (gastritis) ଏବଂ ପେପ୍ଟିକ ଅଲସର୍ (peptic ulcers)ର ଏଟିଓଲୋଜି (etiology), ପାଥୋଫିଜିଓଲୋଜି (pathophysiology) ଏବଂ ପରିଚାଳନା ବିଷୟରେ ଆଲୋଚନା କର ।

**12.** Describe hepatitis and its principal causes. Explain the factors affecting the pathophysiology and long-term consequences and lifestyle modifications in maintaining liver health.

ହେପାଟାଇଟିସ୍ ଏବଂ ଏହାର ପ୍ରମୁଖ କାରଣଗୁଡ଼ିକ ବର୍ଣ୍ଣନା କର । ଯକୃତ ସ୍ୱାସ୍ଥ୍ୟ ବଜାୟ ରଖିବାରେ ପାଥୋଫିଜିଓଲୋଜି ଏବଂ ଦୀର୍ଘକାଳୀନ ପରିଣାମ ଏବଂ ଜୀବନଶୈଳୀ ପରିବର୍ତ୍ତନକୁ ପ୍ରଭାବିତ କରୁଥିବାର କାରଣଗୁଡ଼ିକ ବ୍ୟାଖ୍ୟା କର ।

**Candidate must not write on this margin.**

Candidate must not write on this margin.

## GROUP—B

## ଗ୍ରୁପ୍—B

*Candidates to attempt* **05** ***(five)*** *questions within word limit of* **300**.

*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

**13.** Discuss the importance of family counselling in healing emotional wounds, improving relationships and building self-esteem among family members. Why is this kind of counselling important for keeping families close and strong over the long term?

ଭାବପ୍ରବଣ କ୍ଷତକୁ ଆରୋଗ୍ୟ କରିବା, ସଂପର୍କ ଉନ୍ନତି କରିବା ଏବଂ ପରିବାରର ସଦସ୍ୟଙ୍କ ମଧ୍ୟରେ ଆତ୍ମସମ୍ମାନ ତିଆରି କରିବାରେ ପରିବାର-ପରାମର୍ଶର ଆବଶ୍ୟକତା ବିଷୟରେ ଆଲୋଚନା କର । ଦୀର୍ଘକାଳ ପାଇଁ ପରିବାରକୁ ନିକଟତର ଏବଂ ଶକ୍ତିଶାଳୀ ରଖିବାପାଇଁ ଏହି ପ୍ରକାର ପରାମର୍ଶ କାହିଁକି ଗୁରୁତ୍ୱପୂର୍ଣ୍ଣ ଲେଖ?

**14.** Discuss Piaget's theory of cognitive development in detail, explaining the stages, characteristics and the progression of thinking from infancy to adolescence.

ଶୈଶବରୁ କିଶୋର ପର୍ଯ୍ୟନ୍ତ ଚିନ୍ତାଧାରାର ପର୍ଯ୍ୟାୟ, ବୈଶିଷ୍ଟ୍ୟ ଏବଂ ଅଗ୍ରଗତି ବ୍ୟାଖ୍ୟା କରି ପିଆଜେ (Piaget)ଙ୍କ ଜ୍ଞାନାତ୍ମକ ବିକାଶତତ୍ତ୍ୱ (cognitive development theory) ବିଷୟରେ ବିସ୍ତୃତ ଆଲୋଚନା କର ।

**15.** Describe the effect of maternal nutrition, hormones, genetics and environment on the prenatal growth and development. Also discuss their long-term effects on postnatal health.

ପ୍ରସବପୂର୍ବ ବୃଦ୍ଧି ଏବଂ ବିକାଶ ଉପରେ ମାଆର ପୁଷ୍ଟିସାର, ହରମୋନ୍, ଜେନେଟିକ୍ସ ଏବଂ ପରିବେଶର ପ୍ରଭାବ ବିଷୟରେ ବର୍ଣ୍ଣନା କର । ଏଥି ସହିତ ପ୍ରସବ ପରବର୍ତ୍ତୀ ସ୍ୱାସ୍ଥ୍ୟ ଉପରେ ସେ ସବୁର ଦୀର୍ଘକାଳୀନ ପ୍ରଭାବ ବିଷୟରେ ମଧ୍ୟ ଉଲ୍ଲେଖ କର ।

**16.** Define geriatric age. Discuss the common health problems and geriatric syndromes faced by older people. What social factors contribute to these challenges and affect the well-being of elderly individuals?

ବାର୍ଦ୍ଧକ୍ୟ (Geriatric) ବୟସକୁ ବ୍ୟାଖ୍ୟା କର । ବୟସ୍କ ବ୍ୟକ୍ତିମାନେ ସମ୍ମୁଖୀନ ହେଉଥିବା ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଏବଂ ବାର୍ଦ୍ଧକ୍ୟ ସିଣ୍ଡ୍ରୋମ୍ ବିଷୟରେ ଆଲୋଚନା କର । କେଉଁ ସାମାଜିକ କାରଣଗୁଡ଼ିକ ଏଥିପାଇଁ ଦାୟୀ ଏବଂ ବୟସ୍କ ବ୍ୟକ୍ତିମାନଙ୍କ ସୁସ୍ଥତାକୁ ପ୍ରଭାବିତ କରନ୍ତି ସେ ବିଷୟରେ ଲେଖ ।

**17.** Explain the psychosocial and emotional development stages of early childhood. Describe the development of language and communication skills in children during the first five years.

ପ୍ରାକ୍-ଶୈଶବର ମାନସିକ ଏବଂ ଭାବ ପ୍ରବଣ ବିକାଶ ପର୍ଯ୍ୟାୟ ବ୍ୟାଖ୍ୟା କର । ପ୍ରଥମ ପାଞ୍ଚ ବର୍ଷ ମଧ୍ୟରେ ଶିଶୁମାନଙ୍କ ଭାଷା ଓ ଯୋଗାଯୋଗ ଦକ୍ଷତାର ବିକାଶ ବିଷୟରେ ବର୍ଣ୍ଣନା କର ।

**18.** Discuss how globalization and exposure to new cultural values affect family values, traditions and relationships. What is the role of cultural adaptation and conflict in this context?

ଜଗତୀକରଣ ଏବଂ ନୂତନ ସାଂସ୍କୃତିକ ମୂଲ୍ୟବୋଧ କିପରି ପରିବାର ମୂଲ୍ୟବୋଧ, ପରମ୍ପରା ଏବଂ ସମ୍ପର୍କକୁ ପ୍ରଭାବିତ କରେ ତାହା ଆଲୋଚନା କର । ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ ଉପଯୋଜନ (adaptation) ଏବଂ ସଂଘର୍ଷ (conflict)ର ଭୂମିକା ଉଲ୍ଲେଖ କର ।

★★★

**Candidate must not write on this margin.**

Candidate must not write on this margin.

Candidate must not write on this margin.

## SPACE FOR ROUGH WORK

Candidate must not write on this margin.